CAREERINDIA

**Signature and Name of Invigilator**

1. (Signature) ______________________

   (Name) ______________________

2. (Signature) ______________________

   (Name) ______________________

**OMR Sheet No. :** .............................................
(To be filled by the Candidate)

**Roll No.** | | | | | | | | |
(In figures as per admission card)

**Roll No.** ______________________
(In words)

**J 2 3 1 5**

# PAPER - II
# ODIA

**Time : 1¼ hours]** **[Maximum Marks : 100**

Number of Pages in this Booklet : **12** Number of Questions in this Booklet : **50**

## Instructions for the Candidates

1. Write your roll number in the space provided on the top of this page.
2. This paper consists of fifty multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④ where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There are no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए।
2. इस प्रश्न-पत्र में पचास बहुविकल्पीय प्रश्न हैं।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी। पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें। खुली हुई या बिना स्टीकर-सील की पुस्तिका स्वीकार न करें।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं। दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें। इसके लिए आपको पाँच मिनट दिये जायेंगे। उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं। आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है।
   **उदाहरण :** ① ② ● ④ जबकि (3) सही उत्तर है।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं। यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिन्हांकित करते हैं, तो उसका मूल्यांकन नहीं होगा।
6. अन्दर दिये गये निर्देशों को ध्यानपूर्वक पढ़ें।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें। हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं।
10. **केवल नीले/काले बाल प्वाईंट पेन का ही इस्तेमाल करें।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है।**
12. **गलत उत्तरों के लिए कोई नकारात्मक अंक नहीं हैं।**

www.careerindia.com

CAREERINDIA

# ODIA
## ଓଡ଼ିଆ
## PAPER - II
## ପ୍ରଶ୍ନପତ୍ର - II

**Note :** This paper contains **fifty (50)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଚାଶ** (50) ଟି ବିବିଧ ପସନ୍ଦ ବିକଳ୍ପ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ** (2) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

**1.** ମୁଣ୍ଡାଭାଶା କେଉଁ ପରିବାରର ଭାଷ ?

(1) ଦ୍ରାବିଡ଼ (2) ଭାରତୀୟ ଆର୍ଯ୍ୟ (3) ଅଷ୍ଟ୍ରିକ୍ (4) ଭୋଟଚୀନ୍

**2.** ସ୍ୱରତ୍ରିକୋଣର ପରିକଳ୍ପନା କିଏ କରିଥିଲେ?

(1) ମନିଅର୍ ଉଇଲିୟମ୍ (2) ଡାନିଏଲ ଜୋନସ୍ (3) ଚମସ୍କି (4) ଗ୍ରୀୟରସନ୍

**3.** 'ନ' କି ପ୍ରକାର ଧ୍ୱନି?

(1) କଣ୍ଠ୍ୟ (2) ତାଲବ୍ୟ (3) ଦନ୍ତ୍ୟ (4) ଓଷ୍ଠ୍ୟ

**4.** 'ଗାହା ସତ୍ତସଈ' କେଉଁ ଭାଷାରେ ରଚିତ?

(1) ପ୍ରାକୃତ (2) ପାଲି (3) ପୈଶାଚି ପ୍ରାକୃତ (4) ସଂସ୍କୃତ

**5.** ଆଜହୁଁ ଗରମ ପଡ଼ିଲାଣି । ରେଖାଙ୍କିତ ପଦଟି କି ବିଭକ୍ତି?

(1) 2 ୟା ବିଭକ୍ତି (2) 3 ୟା ବିଭକ୍ତି (3) ସପ୍ତମୀ ବିଭକ୍ତି (4) ପଞ୍ଚମୀ ବିଭକ୍ତି

**6.** ନଅ ଅକ୍ଷର ବିଶିଷ୍ଟ ପଦର ଛନ୍ଦକୁ କେଉଁ ନାମରେ ଚିହ୍ନିତ କରାଯାଏ?

(1) କାମୋଦୀ (2) ଖଣ୍ଡ କାମୋଦୀ (3) ଚିନ୍ତାଦେଶାକ୍ଷ (4) ଗୁଜ୍ଜରୀ

**7.** ସେ ହାତ ଧରି ପକାଇଲେ । ରେଖାଙ୍କିତ ଅଂଶଟି କେଉଁ ଅର୍ଥକୁ ସୂଚାଉଛି?

(1) ଆଘାତ କରିବା ଚେଷ୍ଟା (2) ବିବାହ କରିବା

(3) ଅନୁନୟ କରିବା (4) ରୋକିନେବା

**8.** ଚଇତି ଘୋଡ଼ା ନାଚ କେଉଁ ସଂପ୍ରଦାୟର ନାଚ ?

(1) ମାଳାକାର (2) କୈବର୍ତ୍ତ (3) ରଜକ (4) ବୁଣାକାର

www.careerindia.com

CAREERINDIA

**9.** ମିଥ୍ର ସଂରଚନାବାଦୀ ସମୀକ୍ଷକ କିଏ ?

(1) ଫ୍ରାନ୍‌ଜ କାଫ୍‌କା (2) ଲେଭିଷ୍ଟ୍ରସ୍ (3) ଭ୍ଲାଦିମିର ପ୍ରପ୍ (4) ଷ୍ଟୁଆର୍ଟ ବ୍ଲାକ୍‌ବର୍ଣ୍ଣ

**10.** କେଉଁ ଯୁଗ୍ମକ ଉପଯୁକ୍ତ ନୁହେଁ ?

(1) ଡାଲଖାଇ- ଦେବୀ ଓ ନାଚବିଶେଷ (2) ଘୁମୁରା- ବାଦ୍ୟବିଶେଷ ଓ ବୃକ୍ଷ ଉପାସନା
(3) କାନ୍ଦଣା- କ୍ରନ୍ଦନ ଓ ଗୀତବିଶେଷ (4) ଗାଥା- କାହାଣୀ ଓ ଦୀର୍ଘତା

**11.** ଲୋକକାହାଣୀରେ 'ଭାବସାର' (motif) ର ଭୂମିକା କଣ?

(1) ବିସ୍ମୟ ଓ କୌତୁହଳ ସୃଷ୍ଟି (2) ଚରିତ୍ର ଚିତ୍ରଣ
(3) ପରିଣତି ଆନୟନ (4) ଭାଷାରେ ଚମତ୍କାରିତା ଆନୟନ

**12.** ଔଚିତ୍ୟବାଦର ପ୍ରବର୍ତ୍ତକ କିଏ ?

(1) ଭାମହ (2) କୁନ୍ତକ (3) ବାମନ (4) କ୍ଷେମେନ୍ଦ୍ର

**13.** ଉପମାନଠାରୁ ଉପମେୟର ଆଧିକ୍ୟ କଥିତ ହେଲେ କେଉଁ ଅଳଙ୍କାର ହୁଏ?

(1) ଉତ୍‌ପ୍ରେକ୍ଷା (2) ରୂପକ (3) ବ୍ୟତିରେକ (4) ସଙ୍କର

**14.** ଆନନ୍ଦବର୍ଦ୍ଧନ କେଉଁ ଧ୍ୱନିକୁ ସର୍ବଶ୍ରେଷ୍ଠ ଧ୍ୱନି ବୋଲି କହିଛନ୍ତି ?

(1) ରସଧ୍ୱନି (2) ବସ୍ତୁଧ୍ୱନି (3) ଅଳଙ୍କାରଧ୍ୱନି (4) ଶବ୍ଦଧ୍ୱନି

**15.** ମାଲାର୍ମେ କେଉଁ ବାଦର ପ୍ରବକ୍ତା ?

(1) ଚିତ୍ରକଳ୍ପବାଦ (2) ପ୍ରକୃତିବାଦ (3) ଭବିଷ୍ୟବାଦ (4) ପ୍ରତୀକବାଦ

**16.** 'ବିଚିତ୍ର ରାମାୟଣ' କାହାର ରଚନା ?

(1) ସାରଳା ଦାସ (2) କହ୍ନେଇ ଖୁଣ୍ଟିଆ (3) ବିଶ୍ୱନାଥ ଖୁଣ୍ଟିଆ (4) ଗୋପାଳ ତେଲେଙ୍ଗା

**17.** ଦଣ୍ଡୀ ଗଦ୍ୟକୁ କେଉଁ ଦୁଇ ଭାଗରେ ବିଭକ୍ତ କରିଥିଲେ ?

(1) ବୃତ୍ତଗନ୍ଧି ଓ ଉତ୍କଳିକାପ୍ରାୟ ଗଦ୍ୟ (2) କଥା ଓ ବିରୁଦ
(3) ଆଖ୍ୟାୟିକା ଓ କଥା (4) ଆଖ୍ୟାନ ଓ ବିଜ୍ଞାନ

**18.** 'ଗୋବିନ୍ଦ ଲୀଳାମୃତ' ଗ୍ରନ୍ଥର ରଚୟିତା କିଏ ?

(1) ବଳରାମ ଦାସ (2) ଜଗନ୍ନାଥ ଦାସ (3) ଯଶୋବନ୍ତ ଦାସ (4) କୃଷ୍ଣଦାସ କବିରାଜ

www.careerindia.com

CAREERINDIA

**19.** 'ଅସାର ସପନକାଳ ହେଲା ଉଦୟ
ଅସିତ ପରବଳରୁ ଦର ସମୟ ' -ଏଥିରେ କେତୋଟି ଋତୁର ବର୍ଣ୍ଣନା ରହିଛି?

(1) ଗୋଟିଏ (2) ଦୁଇଟି (3) ତିନୋଟି (4) ଚାରିଟି

**20.** ଉପେନ୍ଦ୍ରଭଞ୍ଜ କେଉଁ ମନ୍ତ୍ର ଦ୍ୱାରା କବିତ୍ୱ ପାଇଥିଲେ ?

(1) ଚିନ୍ତାମଣି ମନ୍ତ୍ର (2) ରାମତାରକ ମନ୍ତ୍ର (3) ବଶୀକରଣ ମନ୍ତ୍ର (4) ଗାୟତ୍ରୀ ମନ୍ତ୍ର

**21.** 'ବିଦଗ୍ଧଚିନ୍ତାମଣି' କାବ୍ୟର ପ୍ରଥମଛନ୍ଦ କେଉଁ ବର୍ଣ୍ଣ ନିୟମରେ ରଚିତ ?

(1) ପଞ୍ଚାଶ ବର୍ଣ୍ଣ ନିୟମ (2) ନବାକ୍ଷରୀ (3) ଚଉଦ ଅକ୍ଷରୀ (4) ଚଉତିଶା ନିୟମ

**22.** କେଉଁଟି ବୃନ୍ଦାବତୀ ଦାସୀଙ୍କ ରଚନା?

(1) ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର (2) ପୂର୍ଣ୍ଣତମ ଚନ୍ଦ୍ରୋଦୟ (3) ପୂର୍ଣ୍ଣତମ ଭାଷାକୋଷ (4) ଚନ୍ଦ୍ରକଳା

**23.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଗୋପୀଚନ୍ଦନ | (i) | ପ୍ରତାପ ରାୟ |
| (b) | ଶଶିସେଣା | (ii) | ଉପେନ୍ଦ୍ର ଭଂଜ |
| (c) | ସର୍ବାଙ୍ଗ ସୁନ୍ଦରୀ | (iii) | ଚାନ୍ଦଦାସ |
| (d) | ନୀଳାଦ୍ରୀଶ ଚଉତିଶା | (iv) | ଲୋକନାଥ ବିଦ୍ୟାଧର |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (iv) | (ii) |
| (2) | (i) | (iii) | (iv) | (ii) |
| (3) | (iv) | (i) | (iii) | (ii) |
| (4) | (ii) | (i) | (iv) | (iii) |

**24.** ଲକ୍ଷ୍ମୀଙ୍କରା କେଉଁ ସମ୍ପ୍ରଦାୟର ପ୍ରବର୍ତ୍ତିକା ଥିଲେ ?

(1) ହୀନଯାନ (2) ମହାଯାନ (3) ବଜ୍ରଯାନ (4) ସହଜଯାନ

**25.** 'ଜାତକ କଥା' କେଉଁ ଧର୍ମ ସହିତ ସଂପୃକ୍ତ ?

(1) ବୌଦ୍ଧ (2) ଜୈନ (3) ଶାକ୍ତ (4) ବୈଷ୍ଣବ

www.careerindia.com

**26.** ଶ୍ରୀଜୀଉଙ୍କର ନୂତନ ବିଗ୍ରହ କେଉଁଠାରେ ନର୍ମାଣ କରାଯାଏ?

(1) ଦାରୁଶାଳା (2) ଚାରୁଶାଳା (3) କାରୁଶାଳା (4) ଯଜ୍ଞଶାଳା

**27.** ନକୁଳୀଶ ସଂପ୍ରଦାୟ କେଉଁ ଧର୍ମ ସହିତ ସଂପୃକ୍ତ ?

(1) ଶୈବ (2) ଶାକ୍ତ (3) ବୈଷ୍ଣବ (4) ଜୈନ

**28.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଅଗ୍ରଣୀ | (i) | ନନ୍ଦିନୀ ଶତପଥୀ |
| (b) | ସମାବେଶ | (ii) | ରବୀନ୍ଦ୍ରନାଥ ପରିଜା |
| (c) | କଳନା | (iii) | ଜଗଦୀଶ ପାଣି |
| (d) | ନବରବି | (iv) | ହୃଦାନନ୍ଦ ମଲ୍ଲିକ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (ii) | (iv) |
| (2) | (iv) | (iii) | (i) | (ii) |
| (3) | (ii) | (i) | (iii) | (iv) |
| (4) | (i) | (iii) | (iv) | (ii) |

**29.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | 1849 | (i) | ଅରୁଣୋଦୟ |
| (b) | 1856 | (ii) | ତାରକା ଓ ଶୁଭବାର୍ତ୍ତା |
| (c) | 1861 | (iii) | ଜ୍ଞାନାରୁଣ |
| (d) | 1883 | (iv) | ପ୍ରବୋଧ ଚନ୍ଦ୍ରିକା |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (i) | (ii) | (iii) | (iv) |
| (3) | (ii) | (i) | (iv) | (iii) |
| (4) | (iii) | (iv) | (i) | (ii) |

www.careerindia.com

CAREERINDIA

30. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଫକୀରମୋହନ ସେନାପତି | (i) | ଲିଙ୍ଗରାଜ ମିଶ୍ର |
| (b) | ପଣ୍ଡିତ ଗୋପବନ୍ଧୁ | (ii) | ଶରତଚନ୍ଦ୍ର ମୁଖାର୍ଜୀ |
| (c) | ଭକ୍ତକବି ମଧୁସୂଦନ | (iii) | ପଦ୍ମଚରଣ ପଟ୍ଟନାୟକ |
| (d) | ରାମାନୁଜ | (iv) | କାଳିନ୍ଦୀଚରଣ ପାଣିଗ୍ରାହୀ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iv) | (ii) | (iii) |
| (2) | (iii) | (i) | (iv) | (ii) |
| (3) | (ii) | (i) | (iv) | (iii) |
| (4) | (iv) | (iii) | (i) | (ii) |

31. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ନୀଳ ନିର୍ବାପନ | (i) | ନୀଳାଦ୍ରିଭୂଷଣ ହରିଚନ୍ଦନ |
| (b) | ନୀଳହଂସର ଜ୍ୱାଳା | (ii) | ଦେବଦାସ ଛୋଟରାୟ |
| (c) | ନୀଳ ସରସ୍ୱତୀ | (iii) | ମମତା ଦାସ |
| (d) | ନୀଳଚନ୍ଦନର ଭୁଲଠିକଣା | (iv) | ପ୍ରହରାଜ ସତ୍ୟନାରାୟଣ ନନ୍ଦ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (ii) | (i) |
| (2) | (iv) | (ii) | (i) | (iii) |
| (3) | (ii) | (i) | (iv) | (iii) |
| (4) | (i) | (ii) | (iii) | (iv) |

32. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ମାଟିପର୍ବ | (i) | ହୃଦାନନ୍ଦ ପାଣିଗ୍ରାହୀ |
| (b) | ମାଟି ମହକ | (ii) | ଦୁର୍ଗାମାଧବ ମିଶ୍ର |
| (c) | ମାଟିକଥା | (iii) | ସୌଭାଗ୍ୟବନ୍ତ ମହାରଣା |
| (d) | ମୁଠାଏ ମାଟି ଚିନାଏ ଆକାଶ | (iv) | ଶରତଚନ୍ଦ୍ର ରଥ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (i) | (ii) | (iii) | (iv) |
| (3) | (ii) | (i) | (iv) | (iii) |
| (4) | (iii) | (iv) | (i) | (ii) |

www.careerindia.com

CAREERINDIA

**33.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ନରେନ୍ଦ୍ରନାଥ ମିଶ୍ର | (i) | କବିଲିପି |
| (b) | ଖଗେଶ୍ୱର ମହାପାତ୍ର | (ii) | ପ୍ରତ୍ନ ଓଡ଼ିଆ |
| (c) | ଦେବୀପ୍ରସନ୍ନ ପଟ୍ଟନାୟକ | (iii) | ଆଧୁନିକତା ଓ ଆଧୁନିକ ସାହିତ୍ୟ |
| (d) | ସୁଦର୍ଶନ ଆଚାର୍ଯ୍ୟ | (iv) | କାବ୍ୟକୌଶଳ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (iii) | (ii) | (i) | (iv) |
| (3) | (ii) | (iv) | (iii) | (i) |
| (4) | (i) | (iii) | (iv) | (ii) |

**34.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଟିମା | (i) | ଅମୃତର ସନ୍ତାନ |
| (b) | ପୁଣ୍ଡୁ | (ii) | ଅପହଞ୍ଚ |
| (c) | ବଳୀଦତ୍ତ | (iii) | ପରଜା |
| (d) | ଟିକ୍ରାଜାନି | (iv) | ଦାନାପାଣି |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (i) | (iii) | (iv) | (ii) |
| (3) | (ii) | (i) | (iv) | (iii) |
| (4) | (i) | (ii) | (iii) | (i) |

**35.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ବିଭୁପ୍ରସାଦ | (i) | ଶକୁନ୍ତଳା |
| (b) | ଅନୁରାଗ | (ii) | ଶତାବ୍ଦୀର ନଚିକେତା |
| (c) | ଦାମା ଗଉଡ଼ | (iii) | ନରକିନ୍ନର |
| (d) | ଜର୍ଜ | (iv) | ଅନୁ ହଜିଯିବା ପରେ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (i) | (iii) |
| (2) | (iii) | (i) | (iv) | (ii) |
| (3) | (iv) | (ii) | (iii) | (i) |
| (4) | (i) | (iii) | (ii) | (iv) |

www.careerindia.com

CAREERINDIA

**36.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | କାଳିନ୍ଦୀଚରଣ ପାଣିଗ୍ରାହୀ | (i) | ହଂସଗୀତି |
| (b) | ଲକ୍ଷ୍ମୀକାନ୍ତ ମହାପାତ୍ର | (ii) | କଣାମାମୁଁ |
| (c) | ସୁରେନ୍ଦ୍ର ମହାନ୍ତି | (iii) | ଗର୍ବ କରିବାର କଥା |
| (d) | ହୃଷିକେଶ ପଣ୍ଡ | (iv) | ମୁକ୍ତାଗଡ଼ର କ୍ଷୁଧା |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (iii) | (i) |
| (2) | (iv) | (ii) | (i) | (iii) |
| (3) | (iii) | (i) | (ii) | (iv) |
| (4) | (i) | (iii) | (iv) | (ii) |

**37.** ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ଦର୍ଶାଅ-

(a) ଶବ୍ଦତତ୍ତ୍ୱବୋଧ ଅଭିଧାନ

(b) ଉତ୍କଳ ଅଭିଧାନ

(c) ତରୁଣ ଶବ୍ଦକୋଷ

(d) ପ୍ରମୋଦ ଅଭିଧାନ

(1) (b) (a) (d) (c)

(2) (a) (d) (b) (c)

(3) (c) (a) (b) (d)

(4) (d) (b) (a) (c)

**38.** ସୌଭାଗ୍ୟମିଶ୍ରଙ୍କ ନିମ୍ନ ସଂକଳନ ଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

(1) ବଜ୍ରଯାନ, ମଣିକର୍ଣ୍ଣିକା, ଉଜ୍ଜୟିନୀ, ନଇପହଁରା

(2) ମଣିକର୍ଣ୍ଣିକା, ଉଜ୍ଜୟିନୀ, ନଇପହଁରା, ବଜ୍ରଯାନ

(3) ନଇପହଁରା, ବଜ୍ରଯାନ,ମଣିକର୍ଣ୍ଣିକା, ଉଜ୍ଜୟିନୀ

(4) ଉଜ୍ଜୟିନୀ, ନଇପହଁରା, ବଜ୍ରଯାନ, ମଣିକର୍ଣ୍ଣିକା

www.careerindia.com

39. ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ଭିତରୁ କେଉଁଟି ଠିକ୍?
(1) ଯାତ୍ରାର ପ୍ରଥମ ପାଦ, ମନ୍ତ୍ରୀଙ୍କ ସେୟାର, ଦକ୍ଷିଣାବର୍ତ୍ତ, ତୃଷ୍ଣା
(2) ତୃଷ୍ଣା, ଦକ୍ଷିଣାବର୍ତ୍ତ, ମନ୍ତ୍ରୀଙ୍କ ସେୟାର, ଯାତ୍ରାର ପ୍ରଥମ ପାଦ
(3) ମନ୍ତ୍ରୀଙ୍କ ସେୟାର, ଦକ୍ଷିଣାବର୍ତ୍ତ, ଯାତ୍ରାର ପ୍ରଥମ ପାଦ, ତୃଷ୍ଣା
(4) ଦକ୍ଷିଣାବର୍ତ୍ତ, ଯାତ୍ରାର ପ୍ରଥମ ପାଦ, ମନ୍ତ୍ରୀଙ୍କ ସେୟାର, ତୃଷ୍ଣା

40. ନିମ୍ନ ନାଟକଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।
(1) ଯୁଗଧର୍ମ, ପୁରୁଷୋତ୍ତମ ଦେବ, ବିଷମୋଦକ, ଚୁମ୍ବନ
(2) ଚୁମ୍ବନ, ବିଷମୋଦକ, ଯୁଗଧର୍ମ, ପୁରୁଷୋତ୍ତମ ଦେବ
(3) ବିଷମୋଦକ, ଯୁଗଧର୍ମ, ପୁରୁଷୋତ୍ତମ ଦେବ, ଚୁମ୍ବନ
(4) ପୁରୁଷୋତ୍ତମ ଦେବ, ବିଷମୋଦକ, ଯୁଗଧର୍ମ, ଚୁମ୍ବନ

41. ଦିନନାଥ ପାଠୀଙ୍କ ଉପନ୍ୟାସମାନଙ୍କର ପ୍ରକାଶକାଳ ଅନୁସାରେ କେଉଁ କ୍ରମଟି ଠିକ୍ ?
(1) ସାୟୋନାରା, ପୁନର୍ନବା, ଶ୍ଳୋକଛନ୍ଦ, ଗଙ୍ଗାବତରଣ
(2) ପୁନର୍ନବା, ଶ୍ଳୋକଛନ୍ଦ, ଗଙ୍ଗାବତରଣ, ସାୟୋନାରା
(3) ଗଙ୍ଗାବତରଣ, ଶ୍ଳୋକଛନ୍ଦ, ପୁନର୍ନବା, ସାୟୋନାରା
(4) ଶ୍ଳୋକଛନ୍ଦ, ସାୟୋନାରା, ପୁନର୍ନବା, ଗଙ୍ଗାବତରଣ

42. କାଳାନୁକ୍ରମେ ପତ୍ରିକାଗୁଡ଼ିକର କେଉଁ କ୍ରମଟି ଠିକ୍ ?
(1) ଉତ୍କଳ ଦର୍ପଣ, ମୁକୁର, ଉତ୍କଳଦୀପିକା, ଉତ୍କଳ ସାହିତ୍ୟ
(2) ଉତ୍କଳଦୀପିକା, ଉତ୍କଳ ଦର୍ପଣ, ଉତ୍କଳ ସାହିତ୍ୟ, ମୁକୁର
(3) ମୁକୁର, ଉତ୍କଳ ସାହିତ୍ୟ, ଉତ୍କଳ ଦର୍ପଣ, ଉତ୍କଳଦୀପିକା,
(4) ଉତ୍କଳ ସାହିତ୍ୟ, ମୁକୁର, ଉତ୍କଳ ଦର୍ପଣ, ଉତ୍କଳଦୀପିକା,

43. ନିମ୍ନରେ ଦୁଇଟି ମନ୍ତବ୍ୟ ରହିଛି । ପ୍ରଥମଟି ସ୍ଥାପନା **(A)** ଓ ଦ୍ୱିତୀୟଟି ଯୁକ୍ତି **(R)** । ନିମ୍ନ ବିକଳ୍ପ ଗୁଡ଼ିକରୁ ନିଜ ଉତ୍ତରଟି ସ୍ଥିର କର ।

**ସ୍ଥାପନା (Assertion) :** ଲଢୁଆ-ବୃତ୍ତି ପରି ହସ ବି ମଣିଷର ସୃଜନାତ୍ମକ-ବୃତ୍ତିର ଗୋଟିଏ ଅଭିବ୍ୟକ୍ତି । ସୃଜନଶୀଳ ମଣିଷର ପ୍ରେରଣା ଚାଷ କରିବା ଠାରୁ ମହାସାଗରରେ ବୋଇତ ଭସେଇବା ଯାଏ ନାନା କର୍ମରେ ପ୍ରକାଶ ପାଏ ।

**ଯୁକ୍ତି (Reasoning) :** ପ୍ରେରଣା ବିନା ମଣିଷ କର୍ମ କରିପାରେ ନାହିଁ ।

(1) **(A)** ଓ **(R)** ଉଭୟ ଠିକ୍
(2) **(A)** ଭୁଲ୍ ଓ **(R)** ଠିକ୍
(3) **(A)** ଓ **(R)** ଉଭୟ ଭୁଲ୍
(4) **(A)** ଆଂଶିକ ଠିକ୍ ଓ **(R)** ଭୁଲ୍

**44.** **ସ୍ଥାପନା (Assertion) :** ଶ୍ରେଷ୍ଠପ୍ରତିଭାର ଅନୁଭୂତି ଭୂମିରେ ଅତୀତ ଉଭା ରହେ । ସାଧନାର ସବୁକ୍ଷେତ୍ରରେ ଏକଥା ସତ୍ୟ ।

**ଯୁକ୍ତି (Reasoning) :** ଅତୀତ, ପ୍ରତିଭାର ସ୍ଫୁରଣର ଏକମାତ୍ର କାରଣ ।

(1) **(A)** ଓ **(R)** ଉଭୟ ଠିକ୍ (2) **(A)** ଠିକ୍ ଓ **(R)** ଭୁଲ୍

(3) **(A)** ଆଂଶିକ ଭୁଲ୍ ଓ **(R)** ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

**45.** **ସ୍ଥାପନା (Assertion) :** ସାରଳାଙ୍କ ମହାଭାରତ ଓଡ଼ିଶାର ଜନଜୀବନର ଏକ ମହାନ ଆଲେଖ୍ୟ ।

**ଯୁକ୍ତି (Reasoning) :** ଓଡ଼ିଶାର ମହାନତାର କଥା ଏଥିରେ ଉତ୍କୀର୍ଣ୍ଣ ।

(1) **(A)** ଭୁଲ୍ ଓ **(R)** ଠିକ୍ (2) **(A)** ଓ **(R)** ଉଭୟ ଭୁଲ୍

(3) **(A)** ଠିକ୍ ଓ **(R)** ଭୁଲ୍ (4) **(A)** ଓ **(R)** ଉଭୟ ଠିକ୍

**46.** **ସ୍ଥାପନା (Assertion) :** ସମ୍ପର୍କଶୂନ୍ୟ ଭାବରେ କର୍ତ୍ତବ୍ୟ ପାଳନ କଲେ ମନୁଷ୍ୟ ସୁଖୀ ହୋଇ ପାରେ ନାହିଁ ।

**ଯୁକ୍ତି (Reasoning) :** ପାରସ୍ପରିକ ସମ୍ପର୍କ ହିଁ ମନୁଷ୍ୟର ସୁଖର ଏକମାତ୍ର କାରଣ ।

(1) **(A)** ଓ **(R)** ଉଭୟ ଭୁଲ୍ । (2) **(A)** ଭୁଲ୍ ଓ **(R)** ଠିକ୍ ।

(3) **(A)** ଠିକ୍ ଓ **(R)** ଭୁଲ୍ । (4) **(A)** ଓ **(R)** ଉଭୟ ଠିକ୍ ।

**ନିମ୍ନ ଅନୁଚ୍ଛେଦଟି ପଢି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

'ଜାତୀୟ ଜୀବନ' କଥାଟିର ଅର୍ଥ କଣ? କେହି କେହି କହନ୍ତି 'ଜାତିର ଜୀବନ' । ଏ କଥାରେ କୌଣସି ସାରମର୍ମ ନାହିଁ; କାରଣ ଜାତିର ଜୀବନ କି ପ୍ରକାର ତାହା ଅବଧାରଣ କରିବା ସହଜ ନୁହେଁ । ଯେଉଁମାନେ ଏପରି ଆପତ୍ତି ଉତ୍ଥାପନ କରିବେ ସେମାନଙ୍କର ଆପତ୍ତି ନିତାନ୍ତ ଅମୂଳକ ବୋଲି ବୋଧ ହେଉନାହିଁ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜୀବନ ଚରିତ ସଂଗ୍ରହ କରି ଲେଖିବା ବଡ଼ ସହଜ ବିଷୟ ନୁହେଁ, ପ୍ରତ୍ୟେକ ଲୋକର ଚରିତ୍ରରେ ଯେଉଁ ବିଭିନ୍ନ ପ୍ରକାର କାର୍ଯ୍ୟାବଳୀ ଆମ୍ଭେମାନେ ଦେଖିବାକୁ ପାଉଁ ସେ ସମସ୍ତଙ୍କର ଏକତ୍ରୀକରଣରେ ଉକ୍ତ ଲୋକର ଗୋଟିଏ ସର୍ବାଙ୍ଗସୁନ୍ଦର ଚରିତ ପ୍ରସ୍ତୁତ କରିବା ବଡ଼ କଠିନ ବ୍ୟାପାର । ତାହାର ସାମାଜିକ, ପାରିବାରିକ ଏବଂ ରାଜନୈତିକ ଜୀବନ ଏକ ନୁହେଁ । ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ଅଂଶରେ ତାହାର ଚରିତ୍ର ଯେପରି ଦେଖାଯାଉଥାଏ, ଅନ୍ୟ ଅଂଶରେ ତାହାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବାର ଦେଖାଯାଏ ।

**47.** ଜାତୀୟ ଜୀବନ କଣ ?

(1) ଏକ ଭୌଗଳିକ ଖଣ୍ଡର ଅଧିବାସୀଙ୍କ ଜୀବନ

(2) କୌଣସି ଜାତିର ଜୀବନଚର୍ଯ୍ୟା

(3) ବିଶ୍ୱବାସୀଙ୍କ ଜୀବନଧାରା

(4) ଏକ ଜାତି ବିଶେଷର ଜୀବନଧାରା

www.careerindia.com

CAREERINDIA

**48.** 'ଜୀବନ ଚରିତ' ଲେଖିବା କାହିଁକି କଷ୍ଟକର ?

(1) ସଂପୃକ୍ତ ବ୍ୟକ୍ତିଙ୍କ ବିବିଧ କାର୍ଯ୍ୟାବଳୀର ଉପାଦାନ ସଂଗ୍ରହ କଷ୍ଟକର ।

(2) ସଂପୃକ୍ତ ବ୍ୟକ୍ତିଙ୍କ ସାମାଜିକ ଜୀବନ, ରାଜନୀତିକ ଜୀବନ ଅଭିନ୍ନ ।

(3) ଜୀବନର ସକଳକ୍ଷେତ୍ରରେ ତାଙ୍କର ସମାନ ଚାରିତ୍ରିକତା ।

(4) ଜୀବନଚରିତ ରଚନା ଯଥେଷ୍ଟ ସମୟ-ସାପେକ୍ଷ

**49.** 'ଜାତୀୟ ଜୀବନ' ଧାରଣା ଅମୂଳକ ବୋଲି କାହିଁକି ଯୁକ୍ତି କରାଯାଏ ?

(1) ଜାତୀୟ ଜୀବନ ପ୍ରସଙ୍ଗଟି ଅର୍ଥହୀନ

(2) କୌଣସି ଜାତିର ପ୍ରାଣୀସୁଲଭ ଜୀବନ ନ ଥାଏ ।

(3) ଜାତୀୟ ଜୀବନ ଏକ ପ୍ରମାଣ ରହିତ ଧାରଣା

(4) ଜାତୀୟ ଜୀବନର ଅବଧାରଣା ସ୍ପଷ୍ଟ ନୁହେଁ ।

**50.** କାହିଁକି ବ୍ୟକ୍ତି ମଣିଷ ଜୀବନର ବିବିଧ ପର୍ଯ୍ୟାୟରେ ଏକ ପ୍ରକାର ନୁହେଁ ?

(1) ପରିବର୍ତ୍ତନ ସଫଳତାର କାରଣ

(2) ଭିନ୍ନତା ବୈଚିତ୍ର୍ୟ ଆଣେ

(3) ବିବିଧ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ପ୍ରଦର୍ଶନ ମାନୁଷିକ ଧର୍ମ

(4) ଏହା କାଳ ନିର୍ଦ୍ଧେଶିତ ।

- o 0 o -

www.careerindia.com

CAREERINDIA

**Space For Rough Work**

www.careerindia.com